## ଅନୁଗୋଳରେ ଆଜି ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ।

## ଆକ୍ରାନ୍ତଙ୍କ ସଂଖ୍ୟା ୧୨୧ରେ ପହଞ୍ଚିଲା ।

ଅନୁଗୋଳ,୧୦.୦୭ :- ଆଜି ଅନୁଗୋଳରୁ ୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ କିଶୋରନଗର ବ୍ଲକ୍ ଅଂଚଳର ୨ ଜଣ ପୁରୁଷ ଓ ଜଣେ ମହିଳା ଅଟନ୍ତି । ୨୧ ବର୍ଷୀୟା ଗୁଜୁରାଟ ଫେରନ୍ତା ମହିଳା ଚଳିତ ମାସ ୩ ତାରିଖରୁ ହୋମ କ୍ୱାରାଣ୍ଟାଇନ୍‌ରେ ଥିଲେ । ସେହିପରି ଜଣେ ୨୨ ବର୍ଷୀୟ ଓ ଜଣେ ୨୬ ବର୍ଷୀୟ ପୁରୁଷ ହାଇଦ୍ରାବାଦରୁ ଫେରି ଚଳିତ ମାସ ୧ ତାରିଖରୁ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସଂଗରୋଧରେ ଥିଲେ । ଏହି ୩ ଜଣଙ୍କର ସ୍ୱାବ ନମୁନା ପରିକ୍ଷଣରୁ ପଜିଟିଭ ଜଣାପଡିବା ପରେ ଆଜି ସେମାନଙ୍କୁ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଜିଲ୍ଲାରେ ଏହି ୩ ଜଣ ଆକ୍ରାନ୍ତଙ୍କୁ ମିଶାଇ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୧ରେ ପହଞ୍ଚିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୪୫ ତା.୧୦.୭.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।